## ସଂକ୍ଷେପରେ

### ଓଏଏସ୍ ପରୀକ୍ଷାରେ ସଫଳତା ଅର୍ଜନ କଲେ ସୁଜିତ



ଶେରଗଡ଼,୧୯।୫(ଡି.ଏନ.ଏ.): ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋଠଗାଁ ଗ୍ରାମର ସୁଦର୍ଶନ ପାଢ଼ୀଙ୍କ କନିଷ୍ଠ ପୁତ୍ର ସୁଜିତ କୁମାର ପାଢ଼ୀ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସୁଜିତ ଜୁଲାଇ ୧ରେ ଜନ୍ମ ଗ୍ରହଣ କରିଥିଲେ। ବାପା ଜଣେ ଶିକ୍ଷକ ଥିବା ଯୋଗୁ ବାଲ୍ୟ ସମୟରୁ ହିଁ ସେ ମେଧାବୀ ଛାତ୍ର ଥିଲେ। ୨୦୦୦ ମସିହାରେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରୁ +୨ ପାସ୍ କରିବା ପରେ ଗୋଠଗାଁର ପ୍ରଥମ ବ୍ୟକ୍ତି ରୂପେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ସେନାରେ କାର୍ଯ୍ୟରତ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ୨୦୦୭ରେ ବିଏ ପରେ ୨୦୧୩ରେ ରାଜନୀତି ବିଜ୍ଞାନରେ ଏମ୍ଏ ପାସ କରିଥିଲେ। ୨୦୧୭ରେ ନୌସେନାରୁ ସେବାନିବୃତ୍ତ ହୋଇ ଶିକ୍ଷାରେ ନିଜର ସଂଘର୍ଷ ଜାରି ରଖିଥିଲେ। କଠୋର ପରିଶ୍ରମ କରି ଶେଷରେ ଓଏଏସ୍ରେ ସଫଳତା ପାଇଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଫୁଲବାଣୀ ଅଫିସ,୧୯।୫: ଫୁଲବାଣୀ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ କେରେଡି ଗ୍ରାମର ଦଣ୍ଡପାଣି ସାହୁଙ୍କ ସ୍ତ୍ରୀ ମହରଗୀ ସାହୁ। ଏହି ଘଟଣାକୁ ନେଇ ପୁଅ ମନୋଜ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମହରଗୀ କୌଣସି କାରଣରୁ ଗୁରୁବାର ରାତିରେ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ମନୋଜ ତାଙ୍କୁ ଗୁମାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମହରଗୀ ପୂର୍ବରୁ ମଧ ବେକରେ ରଶି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ସମୟରେ ତାଙ୍କୁ ଉଦ୍ଧାର କରାଯାଇଥିବା ମନୋଜ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷେ ପୁଅ ମନୋଜ ମା'ଙ୍କୁ ମାରି ଦେଇଥିବା ବାପା ଦଣ୍ଡପାଣି କହିଛନ୍ତି। ଏହି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି।

### ବସ୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଜି.ଉଦୟଗିରି,୧୯।୫(ଡି.ଏନ.ଏ.)- ଜି.ଉଦୟଗିରି ଦୁଗୁଡି ନିକଟରୁ ଏକ ଯାତ୍ରୀବାହୀ ବସ୍‌ରୁ ୭ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି। ବିଶେଷ ସୂତ୍ରରୁ ଖବର ପାଇ ଜି.ଉଦୟଗିରି ପୋଲିସ ଯାତ୍ରୀବାହୀ ବସ୍‌କୁ ଯାଞ୍ଚ କରି ଏହି ଗଞ୍ଜେଇ ଧରିବା ସହିତ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ନିମାପଡ଼ାର ଅରୁଣ ଖଟେଇ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ପୋଲିସ କେସ ନଂ ୫୯/୨୦୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଆଇନ ଉଲ୍ଲଂଘନ କରୁଛନ୍ତି ମଦ ଦୋକାନୀ

## ଅବକାରୀ ବିଭାଗ ଚୁପ୍



ପାରଳାଖେମୁଣ୍ଡି, ୧୯।୫ (ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମାଠାରୁ ଆରମ୍ଭ କରି କାଶୀନାଗର, ଗୁରାଣ୍ଡି ରାଣୀପେଣ୍ଠ, ଗାରବନ୍ଧ, ରାୟଗଡ଼ ଓ ଗଜପତି ଜିଲାରେ ଥିବା ସମସ୍ତ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦଦୋକାନ ଗୁଡିକରେ ଗ୍ରାହକମାନଙ୍କୁ ଚଢ଼ା ଦରରେ ମଦ ବିକ୍ରି କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦରଠାରୁ ୨୦ଟଙ୍କା ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲ୍ଲଂଘନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀରେ ଲେଖା ଥିବା ଦରଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ। ଦୋକାନ ସମ୍ମୁଖରେ ମଦର ଦର ତାଲିକା ଲଗାଇବେ। ତେବେ ଏହି ନିୟମକୁ ଫୁ କରି ଉଡ଼ାଇ ଦେଉଛନ୍ତି ବିଦେଶୀ ମଦ ଦୋକାନୀ। ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଯେଉଁ ମଦର ଧାର୍ଯ୍ୟଦର ୧୫୦ ଟଙ୍କା ରହିଛି, ସେଠାରେ ଲୋକଙ୍କ ଠାରୁ ୧୭୦ ଟଙ୍କା ନିଆଯାଉଛି । ଧାର୍ଯ୍ୟ ଦର ଠାରୁ ୨୦ ଏପରିକି ୪୦ ଟଙ୍କା ଅଧିକ ନିଆଯାଉଥିବା ବେଳେ ଏହାକୁ ବିରୋଧ କଲେ ଦୋକାନୀମାନେ ଲୋକଙ୍କୁ କୁଲିଙ୍ଗ ଚାର୍ଜ, ଇଚ୍ଛା ହେଲେ ନିଅ ନ ହେଲେ ନାହିଁ କହୁଥିବା ଦେଖିବାକୁ ମିଳୁଛି। ଏହାସହ ମଦ ଦୋକାନର ମାଲିକ ଅଧିକ ଦର ନେବା ପାଇଁ କହୁଛନ୍ତି ବୋଲି ମଧ ଦୋକାନରେ କାର୍ଯ୍ୟରତ ବ୍ୟକ୍ତିମାନେ କହିବା ସହ ଦର ଅଧିକ ନ ଦେଲେ ସାମଗ୍ରୀ ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଗଜପତି ଜିଲା ଆନ୍ଧ୍ର ସୀମାନ୍ତରେ ରହିଥିବା ଯୋଗୁ ପ୍ରତିଦିନ ସେହି ଅଞ୍ଚଳରୁ ଲୋକେ ଆସି ମଦ କିଣିଥାନ୍ତି। ସ୍ଥାନୀୟ ଅବକାରୀ ବିଭାଗ କିନ୍ତୁ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଗ୍ରାହକ ବିଲ୍ ମାଗିଲେ ଦୋକାନୀ ଦେଉନଥିବା ଏବଂ ଦୋକାନ ସମ୍ମୁଖରେ ଦର ଚାର୍ଟ ଲଗାଇବାର ନିୟମ ଥିବା ବେଳେ ତାହା କରୁନଥିବା ଅଭିଯୋଗ ହେଉଛି । ଏ ନେଇ ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁ କହିଛନ୍ତି ଯେ ଆମ ପାଖକୁ କିଛି ଅଭିଯୋଗ ଆସିନାହିଁ, ଯଦି ଅଭଯୋଗ ଆସେ ତାହା ହେଲେ ଦୋକାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଟ୍ରିକରେ ପୁଅଠାରୁ ଅଧିକ ନମ୍ବର ରଖିଲେ ମା'



ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମା' ଓ ପୁଅ ।

ଦାରିଙ୍ଗବାଡି,୧୯।୫(ଡି.ଏନ.ଏ):

ବିବାହର ୩୦ ବର୍ଷ ପରେ ପାଠ ପଢ଼ିବାକୁ ମନ ବଳାଇଲେ। ସେଥିପାଇଁ ଆରମ୍ଭ କଲେ ଉଦ୍ୟମ। ଆଉ ପାଇଲେ ସଫଳତା। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡିର ଲୋହାରା ସାହିରେ।

ପ୍ରକାଶ ଯେ, ଲୋହୋରା ସାହିର ୪୭ ବର୍ଷୀୟ ସୁଜାତା ନାୟକ ଏହି ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୧୬ ବର୍ଷର ପୁଅ ଆୟୁଷ ମଧ ମାଟ୍ରିକ ପରୀକ୍ଷା ଦେଇଥିଲେ। ସୁଜତା ନାୟକ ଦାରିଙ୍ଗବାଡି ଲାଲବାହାଦୁର ବିଦ୍ୟାପୀଠରେ ପାଠ ପଢୁଥିବା ବେଳେ ସୁଜାତାଙ୍କ ପୁଅ ଆୟୁଷ ଗ୍ରୀନବାଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ମା' ସୁଜାତା ୬୦୦ ମାର୍କ ରୁ ୩୪୬ ମାର୍କ ରଖି ବି୨ ପାଇଥିବା ବେଳେ ପୁଅ ଆୟୁଷ ୨୫୮ ମାର୍କ ରଖି ପାସ କରିଛନ୍ତି। ଦାରିଙ୍ଗବାଡିରେ ମା' ଏବଂ ପୁଅ ଚର୍ଚ୍ଚିତ ଚେହେରା ହୋଇଛନ୍ତି। ସୁଜାତାଙ୍କ ସଫଳତାକୁ ନେଇ ତାଙ୍କ ସ୍ୱାମୀ ବିକ୍ରମ ନାୟକ ଖୁସି ବ୍ୟକ୍ତ କରିଛନ୍ତି। ଅଧାରୁ ପାଠ ଛାଡ଼ିଥିବା ମହିଳା ଓ ପୁରୁଷଙ୍କ ପାଇଁ ସୁଜାତା ଏବେ ଉଦାହରଣ ପାଲଟିଛନ୍ତି । ସୁଜାତାଙ୍କ ସ୍ୱାମୀ ବିକ୍ରମ ଜଣେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କର ଦୁଇ ଝିଅ ଓ ଦୁଇ ପୁଅ ରହିଛନ୍ତି । ବିକ୍ରମ ଜଣେ ମାତ୍ର ରୋଜଗାରିଆ ହୋଇଥିବା ବେଳେ ସ୍ୱଳ୍ପ ରୋଜଗାରରେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା ଓ ଘର ଚଳାଇବା କଷ୍ଟ ବୋଲି କୁହନ୍ତି। ତଥାପି ସେ ତାଙ୍କ ସ୍ତ୍ରୀ ଦଶମ ପାସ କରିଥିବାରୁ ଜିଲା ହେଡ଼କ୍ୱାଟରରେ ପାଠ ପଢ଼େଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେପଟେ ମା'ଙ୍କ ସହ ପୁଅ ଆୟୁଷ ମଧ ମିଶି କଲେଜ ଯିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ଚିକିତ୍ସାରେ ଅର୍ଥ ବାଧକ, ସହାୟତା ପାଇଁ ନିବେଦନ

ପାରଳାଖେମୁଣ୍ଡି, ୧୯।୫ (ଡି.ଏନ୍.ଏ)



ସମୀର କୁମାର

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମର ଜଣେ ଗରିବ ମହିଳା ରୁଗ୍ଣ ହୋଇପଡ଼ିଛନ୍ତି । ତାଙ୍କ ସେବାପାଇଁ ଅର୍ଥ ବାଧକ ସାଜିଥିବା ଜଣାପଡିଛି । ଏନେଇ ତାଙ୍କ ସ୍ୱାମୀ ସହାୟତା ପାଇଁ ନିବେଦନ କରିଛନ୍ତି । ସୂଚନା ପ୍ରକାରେ, ଗାରବନ୍ଧ ଗ୍ରାମର ସୁବାସ ଜାନୀ ଜଣେ ପମ୍ପ ଡ୍ରାଇଭର ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି । ତାଙ୍କ ସ୍ତ୍ରୀ ମୋହିନୀ ଜାନୀ (୪୮) ଗତ ମାର୍ଚ୍ଚ ମାସରେ ମସ୍ତିଷ୍କ ଘାତର ଶିକାର ହୋଇ ସମ୍ପୂର୍ଣ୍ଣ ସଂଜ୍ଞାହୀନ ହୋଇପଡିଛନ୍ତି। ବିଏସ୍‌କେୱାଇ କାର୍ଡ ରହିଛି। ମସ୍ତିଷ୍କାଘାତ ଚିକିତ୍ସା ନିମନ୍ତେ ଆନ୍ଧ୍ରର ବିଶାଖାପାଟଣାଠାରେ ଥିବା ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂ ସେହି କାର୍ଡ ମାଧ୍ୟମରେ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ । ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ସେହି କାର୍ଡ ଜରିଆରେ ତାଙ୍କର ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି କହିଥିଲେ। ଏକ ବର୍ଷ ଛଅ ମାସ ପର୍ଯ୍ୟନ୍ତ ଏପରି ରହିବ। କେବଳ ଫିଜିଓଥେରାପି ହିଁ ଏକମାତ୍ର ଚିକିତ୍ସା ବୋଲି କହିବା ସହ ଏକ ବର୍ଷ ଛଅ ମାସ ପରେ ଦେଖିବା ବୋଲି କହି ପଠାଇଦେଇଥିଲେ । ରୋଗଣା ସ୍ତ୍ରୀଙ୍କୁ ନିଜ ଘରକୁ ନେଇଆସିଛନ୍ତି। ହେଲେ ଔଷଧ କିଣିବା କିମ୍ବା ତାଙ୍କର ଅନ୍ୟାନ୍ୟ ସେବା କରିବା ପାଇଁ ହାତରେ ଟଙ୍କା ନାହିଁ। ମାସିକ ଦରମା ୨ ହଜାର ଟଙ୍କା ମିଳୁଥିବା ବେଳେ ଖବରକାଗଜ ବଣ୍ଟନ କରି ୯ଶହ ଟଙ୍କା ଉପାର୍ଜନ କରୁଥିଲେ। ହେଲେ ସ୍ତ୍ରୀଙ୍କ ଏପରି ଅବସ୍ଥା ଦେଖି ଖବରକାଗଜ ବାଣ୍ଟିବା ବନ୍ଦ କରିଦେଇଛନ୍ତି। ଦିନ ରାତି ନିଜ ସ୍ତ୍ରୀଙ୍କ ସେବା କରିବା ସହିତ ପରିବାର ପ୍ରତିପୋଷଣ ପାଇଁ ଲାଗିପଡିଛନ୍ତି। ଦୁଇ ପଢୁଆ ଝିଅଙ୍କ ମଧ୍ୟରୁ ବଡ ଝିଅ ଡିଗ୍ରୀ କରି ବେକାର ହୋଇ ରହିଥିବା ବେଳେ ସାନ ଝିଅ ମା'ଙ୍କ ଅସୁସ୍ଥତା ଦେଖି +୨ ପରୀକ୍ଷା ଦେଇପାରିଲାନି । ଫଳରେ ତାଙ୍କର ପାଠ ପଢା ଏକପ୍ରକାର ଅନିଶ୍ଚିତ ହୋଇପଡିଛି। ଏପରି ସ୍ଥଳେ ସେ ସରକାରୀ କିମ୍ବା କେହି ସହୃଦୟ ବ୍ୟକ୍ତିଙ୍କ ସହାୟତା ଲୋଡିଛନ୍ତି। କୌଣସି ପ୍ରକାରେ ସହାୟତା ମିଳିଲେ ସ୍ତ୍ରୀଙ୍କ ସେବା କରିବେ ବୋଲି ଆଶା ବାନ୍ଧି ବସି ଛନ୍ତି ।

## ୩ ଦିନ ପରେ ପଞ୍ଚାୟତ ତାଲା ଖୋଲିଲା

ପାରଳାଖେମୁଣ୍ଡି, ୧୯।୫ (ଡି.ଏନ୍.ଏ): ଗଜପତି ଜିଲା ଗୋଷାଣି ବ୍ଲକ କଣ୍ଟ୍ରାଗଡ ପଞ୍ଚାୟତରେ ବିଲ୍ ପ୍ରଦାନକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ କଣ୍ଟ୍ରାଗଡ ସମିତି ସଭ୍ୟ ଗିକେଶ୍ୱର ଶବରଙ୍କ ସମେତ ଗ୍ରାମବାସୀ ଗତ ୧୬ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ, ଯାହାକୁ ନେଇ ୩ ଦିନ ଧରି ସମାଧାନ ହୋଇପାରି ନ ଥିବାରୁ ତାଲା ଝୁଲିଥିଲା । ହେଲେ ଶୁକ୍ରବାର ଗୋଷାଣି ବିଡିଓ ନୀଳମାଧବ ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ନିହାର ନାୟକ, କଣ୍ଟ୍ରାଗଡ ସରପଞ୍ଚ ଜି. ଦମୟନ୍ତୀ ପ୍ରମୁଖଙ୍କ ସହ ସମିତି ସଭ୍ୟ ଶ୍ରୀ ଶବର ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବକେୟା ବିଲ୍ ପୈଠ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ତାଲା ଖୋଲିଥିଲେ ଅସନ୍ତୋଷ ଥିବା ଗ୍ରାମବାସୀ ଓ ସମିତି ସଭ୍ୟ। ପ୍ରକାଶ ଯେ, କଣ୍ଟ୍ରାଗଡ ପଞ୍ଚାୟତ ଅନ୍ତର୍ଗତ ଅଡାସିଂ ଗ୍ରାମର ଏକ ପୋଖରୀ ଉନ୍ନୟନ କାମ ପାଇଁ ୧୪ତମ ସିଏଫସି ମାଧ୍ୟମରେ ଏକଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି ଅନୁଯାୟୀ ଗତ ଡିସେମ୍ବର ୨୦୨୨ରେ ଉଲ୍ଲେଖିତ ପୋଖରୀର ଉନ୍ନୟନ କାମ କରାଯାଇଥିଲା। ଏହାପରେ ଉକ୍ତ କାମ ବାବଦରେ ବିଲ୍ ପାଇଁ ବାରମ୍ବାର ଦୌଡିଥିଲେ ମଧ କେହି କର୍ଣ୍ଣପାତ ନ କରିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା। ଇତି ମଧ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ହୋଇଯାଇଥିବାରୁ ମାର୍ଚ୍ଚ ମାସରେ ସିଏଫ୍‌ସି ଫଣ୍ଡରେ ଥିବା ଏକ ଲକ୍ଷଟଙ୍କା ଫେରସ୍ତ ଯାଇଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା । ହେଲେ କାମ ସରି ୬ ମାସ ବିତିଯାଇଥିବା ଓ ଏହି ଟଙ୍କା ଫେରସ୍ତ ହୋଇଯାଇଥିବା ଏବଂ ବାରମ୍ବାର ନିବେଦନ ପରେ ମଧ ଏଥିପ୍ରତି କେହି ଦୃଷ୍ଟି ନିକ୍ଷେପ ନ କରିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

# ଚାଉଳର ଲାଭଦାୟକ ଉପାଦେୟ କର୍ମଶାଳା

ଜି.ଉଦୟଗିରି,୧୯।୫(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ ରାଇକଲା ପଞ୍ଚାୟତରେ ଗୁରୁବାର ଚାଉଳରେ ରହିଥିବା ଲାଭଦାୟକ ଉପାଦେୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ ଏହି କାଯ୍ୟକ୍ରମରେ ଚାଉଳରେ ରହିଥିବା ବିଭିନ୍ନ ଲାଭଦାୟକ ଉପାଦେୟ ରହିଛି, ଯାହା ମଣିଷକୁ ପୋଷକତ୍ୱ ଯୋଗାଇଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଉଳର ଉପାଦେୟ ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ ବୋଲି ଯୋଗାଣ ସହାୟକ ଗଗନ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ସାଇକେଲରେ ଭାରତ ଭ୍ରମଣ

## ନିଶାମୁକ୍ତ ସମାଜ ଗଠନ ପାଇଁ ୨ ଯୁବକଙ୍କ ସଂକଳ୍ପ



ଛତିଶଗଡର ଦୁଇ ଯୁବକ ।

ଛତ୍ରପୁର,୧୯।୫(ଡି.ଏନ୍.ଏ.): ନିଶା ସେବନର ମାୟା ଜାଲରେ ଆଜିକାର ଯୁବପିଢି । ନିଶା ଉଜାଡୁଛି ଅନେକ ପରିବାର। ଆଉ ଏହି ନିଶାମୁକ୍ତ ସମାଜ ଗଠନର ସଂକଳ୍ପର ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣ କରୁଛନ୍ତି ଛତିଶଗଡ଼ର ଦୁଇ ଯୁବକ। ମେ' ୯ ରୁ ରାଇଘରରୁ ବାହାରି ଶୁକ୍ରବାର ଗଞ୍ଜାମରେ ପହଞ୍ଚିଛନ୍ତି । ବିଭିନ୍ନ ସ୍କୁଲ କଲେଜ ଯାଇ ଯୁବପିଢିଙ୍କୁ ନିଶା ନିବାରଣ ସଚେତନତା କରିବା ସହ ସ୍ଲୋଗାନ ଦେଇ ସହର ପରିଭ୍ରମଣ କରୁଛନ୍ତି । ଆଗାମୀ ଦିନରେ ପୂରା ଭାରତ ଭ୍ରମଣ କରି ସଚେତନତା ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନର ଲକ୍ଷ୍ୟ ରଖିଥିବା କହିଛନ୍ତି। ନିଜସ୍ୱ ଖର୍ଚ୍ଚରେ ପ୍ରଥମେ ସେ ରାଇଘରରୁ ଏହି କାର୍ଯ୍ୟକ୍ରମ କରିବା ପରେ ଓଡିଶାର ସମ୍ବଲପୁର, ଝାରସୁଗୁଡ଼ା, ରେଙ୍ଗାଲି ପ୍ରଭୃତି ସ୍ଥାନରେ ଯୁବବର୍ଗ, ବସ୍ତି ପିଲା, ସ୍କୁଲ ପିଲାଙ୍କୁ ନିଶାମୁକ୍ତି ସଚେତନତା ବାର୍ତ୍ତା ଦେବା ପରେ କଟକ ଭୁବନେଶ୍ୱର ଖୋର୍ଦ୍ଧା ଦେଇ ଗଞ୍ଜାମରେ ପହଞ୍ଚିଛନ୍ତି। ଦୁଇ ବନ୍ଧୁ ହେମ କୁମାର ଏବଂ ଅମରଙ୍କ କହିବା କଥା ନିଶା ଦ୍ୱାରା କିଭଳି ପରିବାର ଛାରଖାର ହେଉଛି ତାହା ଆମେ ଆଖିରେ ଦେଖିଛୁ । ଆମର ଜଣେ ବନ୍ଧୁ ଏହି ନିଶା କବଳରେ ପଡି ପ୍ରାଣ ହରାଇଛନ୍ତି । ତେଣୁ ସେବେଠୁ ଚିନ୍ତା କଲୁ ନିଶା ସେବନ ନ କରିବା ପାଇଁ ଆମେ ଯୁବପିଢିଙ୍କ ମଧ୍ୟରେ ସଚେତନତା କରାଇବୁ। ଯଦି ଏହି ସଚେତନ ମାଧ୍ୟମରେ ଯୁବକମାନେ ନିଶା କବଳରୁ ମୁକ୍ତ ହେଉଛନ୍ତି ତାହା ଆମ ପାଇଁ ବଡ଼ ଉପହାର ହେବ। ନିଶା ମୁକ୍ତି ନ ହେବା ପର୍ଯ୍ୟନ୍ତ ଆମର ଏହି ପ୍ରୟାସ ଜାରିରହିବ ବୋଲି କହିଛନ୍ତି ଦୁଇ ବନ୍ଧୁ। ଗଞ୍ଜାମ ପରେ ଭାୟା ଆନ୍ଧ୍ର ଦେଇ ଆଗକୁ ହାଇଦ୍ରାବାଦ ଯିବାକୁ ଲକ୍ଷ୍ୟ ରଖିଛନ୍ତି।

# ଜେଲ୍‌ରେ ମହିଳାଙ୍କୁ ସାବିତ୍ରୀ ବ୍ରତ ସାମଗ୍ରୀ ଦେଲେ ସାମାଜିକ କର୍ମୀ




ମହିଳା କଏଦୀଙ୍କୁ ବ୍ରତ ସାମଗ୍ରୀ ପ୍ରଦାନ ।

ଗଞ୍ଜାମ,୧୯।୫(ଡି.ଏନ.ଏ.):

ଗଞ୍ଜାମ ଅଞ୍ଚଳର ସାମାଜିକ କର୍ମୀ ତଥା ମାଧ୍ୟମ ଅନୁଷ୍ଠାନର ସଂଯୋଜିକା ବିଜୟାଲକ୍ଷ୍ମୀ ମହାଙ୍କୁଡ଼ ସାବିତ୍ରୀ ବ୍ରତ ଉପହାର ନେଇ ବ୍ରହ୍ମପୁର ଜେଲରେ ଉପସ୍ଥିତ ରହି ମହିଳା କଏଦୀମାନଙ୍କୁ ବିଭିନ୍ନ ବ୍ରତ ସାମଗ୍ରୀ ପ୍ରଦାନ କରିଥିଲେ। ମାଧ୍ୟମ ଅନୁଷ୍ଠାନ ତରଫରୁ ଅନୁଷ୍ଠାନର ସଭାନେତ୍ରୀ ସଂଘମିତ୍ରା ପାଢ଼ୀଙ୍କ ପରାମର୍ଶକ୍ରମେ କିରଣ ପ୍ରୋଜେକ୍ଟକୁ ନେଇ କାରାଗାରରେ ସଜା କାଟୁଥିବା ମହିଳାମାନଙ୍କୁ ସାମାଜିକ ସମ୍ମାନ ପ୍ରଦାନ କରିବା ପାଇଁ ମହାଙ୍କୁଡ଼ ସିନ୍ଦୂର, ଚୁଡ଼ି, ଫଳ ସାମଗ୍ରୀ ପ୍ରଦାନ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣେଇ ସମାଜର ମୁଖ୍ୟ ସ୍ରୋତକୁ ଆସିବା ନେଇ କାମନା କରିଥିଲେ। ଯାହାକୁନେଇ ମହିଳା ଅନ୍ତେବାସୀମାନେ ସାବିତ୍ରୀ ବ୍ରତ ପାଳନ କରିବା ସହ ଖୁସି ପ୍ରକାଶ କରିଥିଲେ। ଏହି ସମୟରେ ଜେଲର ସତ୍ୟ ନାରାୟଣ ବେହେରା, ଜେଲ କଲ୍ୟାଣ ଅଧିକାରୀ ଧର୍ମେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ



ଫୁଲବାଣୀରେ ସାବିତ୍ରୀ ବ୍ରତ ପାଳନ କରିଥିବା କିନ୍ନରମାନେ।

ଫୁଲବାଣୀ ଅଫିସ/ପାରଳାଖେମୁଣ୍ଡି (ଡି.ଏନ୍.ଏ),୧୯।୫

ନାରୀମାନେ ନିଜ ସ୍ୱାମୀଙ୍କ ସୁସ୍ଥ ନିରାମୟ ଜୀବନ ଏବଂ ଦୀର୍ଘାୟୁ ଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଫୁଲବାଣୀରେ କିନ୍ନରମାନଙ୍କ ପକ୍ଷରୁ ମଧ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ସ୍ଥାନୀୟ ନାରାୟଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଗୁରୁଙ୍କୁ ସ୍ମରଣ କରି ଶଙ୍ଖା ସିନ୍ଦୂର ପିନ୍ଧି ମହାସଂଘର ବରିଷ୍ଠମାନଙ୍କୁ ସାନମାନେ ଗୋଡ଼ ଧୋଇ ପୂଜାର୍ଚ୍ଚନା କରିଥିଲେ। କିନ୍ନର ପାୟଲ, ରିଙ୍କି, ଜୀନା, ସଙ୍ଗୀତା, ଶୀତଲ, ମୁନୀ, ସୁହାନୀ, ପ୍ରୀତି ଓ ପିଙ୍କିଙ୍କ ଭଳି ବହୁ କିନ୍ନର ପୂଜାରେ ସାମିଲ ହୋଇଥିଲେ। ସେହିପରି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନିକଟସ୍ଥ ବନଦୁର୍ଗା ମନ୍ଦିରଠାରେ ଶୁକ୍ରବାର କିନ୍ନରମାନେ ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ବ୍ରତକୁ ନିଜ ଗୁରୁଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ପାଳନ କରିଥିବା କହିଛନ୍ତି କିନ୍ନର ମଧୁ ବରାଡ। ସେମାନଙ୍କ ସହିତ ମିରାକେଲ ଡ୍ୟାନ୍ସର ଗୁରୁମା ବିଷ୍ଣୁପ୍ରିୟା ମଧ ମିଶି ବ୍ରତ ପାଳନ କରିଛନ୍ତି। ବନଦୁର୍ଗା ମନ୍ଦିରରେ ପୂଜା କରିବା ସହ ଗୁରୁଙ୍କ ଉନ୍ନତି ଓ ଦୀର୍ଘାୟୁ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ଗୁରୁଙ୍କ ପାଦ ଛୁଇଁ ପାଦୁକା ପାନ କରିବା ପରେ ପ୍ରସାଦ ସେବନ କରିଥିଲେ। କିନ୍ନରମାନେ ନିଜ ଘର ଛାଡି ବାହାରକୁ ଚାଲି ଆସିଥିବାରୁ ନିଜ ଗୁରୁ ହିଁ ସେମାନଙ୍କ ପାଇଁ ବାପା, ମା, ସ୍ୱାମୀ ସବୁକିଛି ବୋଲି କହିଛନ୍ତି।

# ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ଜି.ଉଦୟଗିରି,୧୯।୫(ଡି.ଏନ.ଏ.):



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କନ୍ଧମାଳ ଜିଲା ଜି.ଉଦୟଗିରି ନୂଆସାହି ବାପ୍ଟିଷ୍ଟ ଚର୍ଚ୍ଚଠାରେ ସ୍ଥାନୀୟ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତି ଓ ମଣ୍ଡଳୀର ମିଳିତ ଆନୁକୂଲ୍ୟରେ ବୌଦ୍ଧ କନ୍ଧମାଳ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାର ୧୪୬ଟି ଚର୍ଚ୍ଚର ଉଦ୍‌ଯୋଗ ସମିତି ଯୁବକ, ଯୁବତୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିତେନ୍ଦ୍ର ଲିମ୍ମା ଓ ଗୌରବ ସିଦାନା ବାଇବେଲ ଲିଖିତ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ଜିଲା ଉଦ୍‌ଯୋଗ ସମିତି ସଭାପତି ଆଚାର୍ଯ୍ୟ କିଶାନ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ଉପସଭାପତି ଆଚାର୍ଯ୍ୟ ସୁରେନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ସ୍ୱର୍ଗତ ସୁଶୀଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦୀପ ଦାସଙ୍କ ପରିବାର ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ସଂଯୋଜକ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ, ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ପ୍ରମୋଦ ରଞ୍ଜନ ନାୟକ, କାର୍ଯ୍ୟକାରୀ ସମ୍ପାଦକ ଜ୍ୟୋତିରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ବସନ୍ତ ମଞ୍ଜରୀ ରଥ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ବୌଦ୍ଧ କନ୍ଧମାଳ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମ୍ମିଳନୀ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ ଶେଷ ପ୍ରାର୍ଥନା ସହ କାର୍ଯ୍ୟକ୍ରମ ଶେଷ କରିଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୮ ଗିରଫ

ବ୍ରହ୍ମପୁର ଅଫିସ,୧୯।୫: ବଡବଜାର ଥାନା ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୮ ଜଣଙ୍କୁ କାବୁ କରିଛି। ପୋଲିସକୁ ଦେଖି କେତେଜଣ ଜୁଆଡ଼ି ଖସି ପଳାଇଥିବା ଜଣାପଡ଼ିଛି। ଜଗବନ୍ଧୁ ହୁଡାରେ ଜୁଆ ଆଡ୍ଡା ଚାଲିଥିବା ବେଳେ ସେଠାରୁ ଜୁଆଡ଼ିଙ୍କୁ ପୋଲିସ ଧରିଥିଲା। ସେଠାରୁ ପୋଲିସ ୧୨ହଜାର ୫୦୦ ଟଙ୍କା ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ କରିଛି। ମାମଲା ନଂ.୧୫୦/୨୩ ରେ ସେମାନଙ୍କୁ ଗିରଫ କରାଯାଇଥିବା ବେଳେ ଧାରା ୪୧ ରେ ଜାମିନରେ ଛାଡ଼ି ଦିଆଯାଇଛି।

### ବନ୍ଦ ଘରୁ ୪ କେଜି ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଗୋପାଳପୁର,୧୯।୫(ଡି.ଏନ.ଏ.): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଶିବାନନ୍ଦ ନଗର ଅଞ୍ଚଳରେ ଏକ ବନ୍ଦ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୪ କେଜିର ରୁପା ଅଳଙ୍କାର ଓ କିଛି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆମ୍ବପୁଆ ଶିବାନନ୍ଦ ନଗର ପ୍ରଥମ ଲାଇନର ବାୟୁ ସେନାରେ କାର୍ଯ୍ୟ କରୁଥିବା ଅରୁଣ କୁମାର ପାତ୍ର ରାଜ୍ୟ ବାହାରେ କାର୍ଯ୍ୟ କରନ୍ତି। ତାଙ୍କ ଅନୁପସ୍ଥିତରେ ଝିଆରୀ ଶ୍ରଦ୍ଧା ଜେନା ଘରକୁ ଦେଖାଶୁଣା କରି ଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଘରକୁ ଯିବାରେ ଦାଣ୍ଡ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯିବାରେ ଆଲମାରୀ ଭଙ୍ଗାଯାଇ ରୁପାର ମୂର୍ତ୍ତି, ପ୍ଲେଟ, ଢାଲ, ଗ୍ଲାସ, ମୁଦ୍ରା ସହ ଅନ୍ୟନ୍ୟ ଅଳଙ୍କାର ଓ କିଛି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଶ୍ରଦ୍ଧା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬୫/୨୩ରେ ଏକ ମାମଲା ରୁଜୁ କରିଥିଲା। ଶୁକ୍ରବାର ଗୋପାଳପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ, ଅନ୍ୟ ପୋଲିସ କର୍ମଚାରୀ ଓ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରେ କେହି ରହୁ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଲୁଟ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି।

### ବୈଦ୍ୟୁତିକ ବିଭାଜନ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

ବ୍ରହ୍ମପୁର ଅଫିସ୍,୧୯।୫: ଗ୍ରାମ୍ୟ ଉନ୍ନୟନ ବିଭାଗର ବୈଦ୍ୟୁତିକ ବିଭାଜନ କାର୍ଯ୍ୟାଳୟ ବ୍ରହ୍ମପୁରରୁ ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ ବହୁ ବୁଦ୍ଧିଜୀବୀ ବିରୋଧ କରିଛନ୍ତି। ସେମାନଙ୍କ ମତ ଯେ, ଏହି କାର୍ଯ୍ୟାଳୟ ଦକ୍ଷିଣ ଓଡିଶାର ୧୦ଟି ଜିଲାରେ ରହିଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସମସ୍ତ ବିଦ୍ୟୁତ ସେବା ନିରବିଚ୍ଛିନ ଭାବେ ଯୋଗାଇ ଆସୁଛି। ଏଥିମଧ୍ୟରୁ ବିଚାର ବିଭାଗୀୟ କୋଠା ଓ ଆବାସିକ, ଆଇଟିଆଇ କୋଠା ଓ ଆବାସିକ, ରାଜସ୍ୱ ବିଭାଗୀୟ କାର୍ଯ୍ୟାଳୟ କୋଠା ଓ ଆବାସିକ, ଗ୍ରାମ୍ୟ ଉନ୍ନୟନ ବିଭାଗ କୋଠା ଓ ଆବାସିକ, ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଥାନା, ବିଶ୍ୱ ବ୍ୟାଙ୍କ ସହାୟତା କୋଠା, ଦମକଳ କେନ୍ଦ୍ର ଓ ଆବାସିକ କୋଠା ଗୁଡିକରେ ଟିପିଏସଓଡିଏଲ ସହ ସମନ୍ୱୟ ରକ୍ଷା କରି ବିଦ୍ୟୁତ ସେବା ଅନବରତ ଭାବେ ଯୋଗାଇ ଆସୁଛି। କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେଲେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏହାର ପୁନଃବିଚାର କରି ବ୍ରହ୍ମପୁରରୁ ଉକ୍ତ କାର୍ଯ୍ୟାଳୟ ସ୍ଥାନାନ୍ତରଣ ନ କରିବା ପାଇଁ ଦୀନବନ୍ଧୁ ଦାଶ, କାହ୍ନୁ ଚରଣ ବେହେରା, ଅମର ବେହେରା, ରବିନ୍ଦ୍ର ପାତ୍ର, ସୁଶାନ୍ତ ନାୟକ ପ୍ରମୁଖ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ରେଲୱେ ଷ୍ଟେଶନ ପାର୍କିଂ ଫି ବୃଦ୍ଧିକୁ ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ,୧୯।୫


୪ ନଂ ପ୍ଲାଟଫର୍ମରେ ରହିଥିବା ପାର୍କିଂ ଷ୍ଟାଣ୍ଡ।

ବ୍ରହ୍ମପୁର ରେଲୱେ ଷ୍ଟେଶନରୁ ଦୈନିକ ପ୍ରାୟ ୧୦ ହଜାର ଯାତ୍ରୀଙ୍କ ଯାତାୟତ ରହିଥାଏ। ପ୍ରତିଦିନ ଏହି ଷ୍ଟେଶନ ଦେଇ ପାସେଞ୍ଜର, ଏକ୍ସପ୍ରେସ ଓ ସୁପରଫାଷ୍ଟ ଏକ୍ସପ୍ରେସକୁ ମିଶାଇ ୬୦ଟି ଟ୍ରେନ ଯାତାୟତ କରିଥାଏ। ତଦନୁଯାୟୀ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶ୍ରାମାଗାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା କରାଯାଇଛି। ତେବେ ବର୍ତ୍ତମାନ ଏହି ପ୍ରମୁଖ ଷ୍ଟେଶନରେ ଯାନବାହନ ପାର୍କିଂ ଫି ବୃଦ୍ଧିକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦୀର୍ଘ ଦିନର ଦାବି ପରେ ବ୍ରହ୍ମପୁର ରେଲୱେ ଷ୍ଟେଶନର ୧ ନଂ ପ୍ଲାଟଫର୍ମ ବାହାରେ ପାର୍କିଂ ସେଡ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଫଳରେ ପୂର୍ବରୁ ପାର୍କିଂ ହେଉଥିବା ସ୍ଥାନକୁ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ୪ ନଂ. ପ୍ଲାଟଫର୍ମରେ ୨ ଚକିଆ ଯାନଠାରୁ ଆରମ୍ଭ କରି କାର ଓ ସାଇକେଲ ପାର୍କିଂ ବ୍ୟବସ୍ଥା କରାଯାଇଛି। କିନ୍ତୁ ସେଠାରେ କୌଣସି ସେଡ ନିର୍ମାଣ କରାଯାଇ ନାହିଁ। ଫଳରେ ଖରା ଓ ବର୍ଷାରେ ୨ ଚକିଆ ଯାନଠାରୁ ଆରମ୍ଭ ୪ ଚକିଆ ଯାନଗୁଡିକ ବାହାରେ ପଡି ରହୁଛି। ଅନ୍ୟପଟେ ୧ ନଂ ପ୍ଲାଟଫର୍ମକୁ କୌଣସି ଯାତ୍ରୀ ଆସିଲେ ଗାଡି ପାର୍କିଂ ପାଇଁ ତାଙ୍କୁ ୨ କିମି ରାସ୍ତା ଅତିକ୍ରମ କରି ୪ ନଂ ପ୍ଲାଟଫର୍ମକୁ ଯିବାକୁ ପଡୁଛି। ଯାହାଦ୍ୱାରା ସମୟ ନଷ୍ଟ ହେଉଥିବା କାରଣରୁ ଅନେକାଂଶରେ ଯାତ୍ରୀ ଠିକ ସମୟରେ ଟ୍ରେନରେ ଯାଇପାରୁ ନାହାନ୍ତି। ତେବେ ୪ ନଂ ପ୍ଲାଟଫର୍ମଠାରେ କୌଣସି ସୁବିଧା ନ ଥାଇ ଯାନବାହନ ପାର୍କିଂ ସ୍ଥଳ ନିର୍ମାଣ କରାଯାଇଥିବା ବେଳେ ପାର୍କିଂ ଫି ଅହେତକୁ ବୃଦ୍ଧି କେଉଁ କାରଣରୁ କରାଯାଇଛି ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ଏହି ପାର୍କିଂ ଷ୍ଟାଣ୍ଡରେ ସାଇକେଲ ରଖିଲେ ୨ ଘଣ୍ଟା ପାଇଁ ୨ ଟଙ୍କା, ସ୍କୁଟର ପାଇଁ ୬ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିଭଳି ୨ରୁ ୬ ଘଣ୍ଟା ପାଇଁ ସାଇକେଲ ପିଛା ୫ ଟଙ୍କା ଓ ମୋଟର ସାଇକେଲ ପିଛା ୧୦ ଟଙ୍କା ଧାର୍ଯ୍ୟ କରାଯାଇଛି। ୬ରୁ ୧୨ ଘଣ୍ଟା ସାଇକେଲ ପାଇଁ ୭ ଟଙ୍କା ଓ ମୋଟର ସାଇକେଲ ପିଛା ୧୨ ଟଙ୍କା, ୧୨ରୁ ୨୪ ଘଣ୍ଟା ପାଇଁ ସାଇକେଲ ପିଛା ୧୨ ଟଙ୍କା ଓ ମୋଟର ସାଇକେଲ ପାଇଁ ୨୪ ଟଙ୍କା ଏବଂ ମାସିକ ପାଇଁ ସାଇକେଲ ପିଛା ୧୭୭ ଟଙ୍କା ଓ ମୋଟର ସାଇକେଲ ପିଛା ୨୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଉକ୍ତ ସମସ୍ତ ଦରରେ ଜିଏସଟି ୧୮% ଲାଗୁ କରାଯାଇଛି। ଯାନବାହାନ ଗୁଡିକ ଖରା ବର୍ଷାରେ ପଡି ରହୁଥିବା ବେଳେ ପାର୍କିଂ ଫି ବୃଦ୍ଧିକୁ ନେଇ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପଟେ ପାର୍କିଂ ଷ୍ଟାଣ୍ଡରେ ସ୍ୟାଡ ନିର୍ମାଣ ସାଙ୍ଗକୁ ରେଳବାଇ କର୍ତ୍ତୃପକ୍ଷ ପାର୍କିଂ ଫି ହାର ହ୍ରାସ ପାଇଁ ବହୁ ଯାତ୍ରୀ ଦାବି କରିଛନ୍ତି। ଏ ନେଇ ବ୍ରହ୍ମପୁର ରେଳ ଷ୍ଟେସନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି ଯେ, ଯାତ୍ରୀଙ୍କ ଅଭିଯୋଗ ମୁତାବକ ରେଳବାଇ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଆଗାମୀ ଦିନରେ ୧ ନଂ ପ୍ଲାଟଫର୍ମ ବାହାରେ ପାର୍କିଂ ଷ୍ଟାଣ୍ଡ ନିର୍ମାଣ ପରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ସେ କହିଛନ୍ତି।

# ସାମୂହିକ ସାବିତ୍ରୀ ବ୍ରତ ପାଳିଲେ ମହିଳା

ବ୍ରହ୍ମପୁର ଅଫିସ.୧୯।୫


ବୈକୁଣ୍ଠ ନଗର ଦ୍ୱିତୀୟ ଲାଇନରେ ଥିବା ପାର୍କରେ ମହିଳାଙ୍କ ସାମୂହିକ ସାବିତ୍ରୀ ବ୍ରତ ପାଳନ।

ରେଶମ ସହରର ବିଭିନ୍ନ ସାହି ଓ ମନ୍ଦିରରେ ମହିଳାମାନେ ସାବିତ୍ରୀ ବ୍ରତ ଲାଗି ଭିଡ଼ ଜମାଇଥିଲେ। ବୈକୁଣ୍ଠ ନଗର, ବ୍ରଜନଗର, ଅମ୍ବିକା ନଗର, ଗେଟବଜାର, ଗାନ୍ଧୀନଗର ସମେତ ପ୍ରତ୍ୟେକ ସାହିରେ ଓ ମନ୍ଦିରଗୁଡିକରେ ସାମୁହିକ ଭାବେ ସାବିତ୍ରୀ ବ୍ରତ ପାଳିତ ହୋଇଥିଲା। ଏତତବ୍ୟତୀତ କିଛି ବର୍ଷ ହେବ ଗଞ୍ଜାମ କିନ୍ନର ମହାସଂଘ ପକ୍ଷରୁ ମଧ୍ୟ ସାବିତ୍ରୀ ବ୍ରତ ପାଳିତ ହୋଇଆସୁଛି। ଗତ ୩ରୁ ୪ ବର୍ଷ ହେବ କିନ୍ନର ମହାସଂଘର ସଭାପତି ସୁଇଟି ସାହୁ ଓ ସମ୍ପାଦକ ବିନି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କିନ୍ନର ମାନେ ଗୋକୁଳ ଧାମ ପରିସରରେ ଏହି ବ୍ରତ ପାଳନ କରିଛନ୍ତି।

୨୫ରୁ ଉର୍ଦ୍ଧ୍ୱ କିନ୍ନର ସାବିତ୍ରୀ ଅବସରରେ ଗୁରୁମା'ଙ୍କ ଶୁଭ ମନାସି, ତାଙ୍କ ଦୀର୍ଘାୟୁ କାମନା କରିଥିଲେ। ସେହିପରି ବ୍ରହ୍ମପୁର ମଣ୍ଡଳ କାରଗାରରେ ମଧ୍ୟ ମହିଳା ଅନ୍ତେବାସୀ ମାନେ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ମଣ୍ଡଳ କାରଗାର ପକ୍ଷରୁ ସୁପରିଣ୍ଟେଣ୍ଡେଣ୍ଟ ପୂଜା ସାମଗ୍ରୀ ସହ ନୂତନ ବସ୍ତ୍ର ଯୋଗାଇ ଦେଇଥିଲେ। ମଣ୍ଡଳ କାରଗାର ପରିସରରେ ଥିବା ହନୁମାନ ମନ୍ଦିରରେ ମହିଳା ମାନେ ପୂଜାର୍ଚ୍ଚନା କରିଥିଲେ।

### ଲୋଚାପଡ଼ାରେ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର ଅଫିସ,୧୯।୫

ଲୋଚାପଡାସ୍ଥିତ ରଘୁନାଥ ମନ୍ଦିର ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଏ ସନ୍ତୋଷ ପାତ୍ର ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ବିଶାଖାପାଟଣାର ଡା ଆପାଲା ନାଇଡୁ ଓ ଡା ସୁନୀଲ ଯୋଗ ଦେଇ ୨୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ବିଶାଖାପାଟଣା ଏଚସିଜି ହସ୍ପିଟାଲର କ୍ୟାନସର ସ୍ପେସିଆଲିଷ୍ଟ ଡା ନାଭ୍ୟା ୧୧ ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତତସହିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ୨୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୨ ଜଣଙ୍କୁ ପରଳ ଚିକିତ୍ସା ପାଇଁ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଶିବିରରେ ସନ ଏଣ୍ଡ ନୀଲ ଫାଉଣ୍ଡେସନର ଚେୟାରମ୍ୟାନ ଧର୍ମା ରାଓ, ଦିନେଶ କୁମାର, ସମ୍ପାଦକ ଟିଟି ବାବୁ, ପ୍ରଣବ ପଣ୍ଡା, କିରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପଳାତକ ଶଙ୍କରଙ୍କ ସମ୍ପତ୍ତି ବାଜ୍ୟାପ୍ତି

ବ୍ରହ୍ମପୁର ଅଫିସ,୧୯।୫


ପଳାତକ ଶଙ୍କରଙ୍କ ବାସଭବନରୁ ସମ୍ପତ୍ତି ବାଜ୍ୟାପ୍ତ କରାଯାଉଛି ।

ଏକ ହତ୍ୟା ମାମଲାର ବିଚାର ବେଳେ କୋର୍ଟରେ ହାଜର ନ ହୋଇ ଫେରାର ଥିବା ଜଣେ ପଳାତକଙ୍କ ସମ୍ପତ୍ତି ଗୋଷାଣିନୂଆଗାଁ ଥାନା ପୋଲିସ ଶୁକ୍ରବାର ବାଜ୍ୟାପ୍ତି କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ନେହରୁ ନଗର ୪ର୍ଥ ଲାଇନର ଶଙ୍କର ବେହେରା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ରହ୍ମପୁର ଏସପି ଶ୍ରବଣ ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କ ସମ୍ପତ୍ତି ଜବତ କରିଛି। ଶଙ୍କରଙ୍କ ଘରୁ ଟିଭି, ଫ୍ରିଜ, ୱାସିଂମେସିନ୍, ୩ଟି ଗ୍ୟାସ୍ ସିଲିଣ୍ଡର, ଖଟ, ଗଦି, ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଥିଲା। ଶଙ୍କରଙ୍କ ଘର ଭିତରେ ତାଙ୍କର ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶଙ୍କରଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଥିବା ବ୍ରହ୍ମପୁର ଏସଡ଼ିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ଯେଉଁ ଜିନିଷପତ୍ର ଶଙ୍କରଙ୍କ ଘରୁ ଜବତ କରାଗଲା ତାହା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରେକର୍ଡ କରାଯାଇଥିଲା। ଏହାର ଏକ କପି ଶଙ୍କରଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ଉପଜିଲାପାଳ ପ୍ରଦୀପ କୁମାର ମହାରଣା ଉପସ୍ଥିତ ଥିଲେ। ପ୍ରକାଶ ଯେ, ଶଙ୍କର ୨୦୦୯ରେ ଏକ ହତ୍ୟା ମାମଲାରେ ସଂପୃକ୍ତ ରହି ଗିରଫ ହୋଇ ଜେଲ ଯାଇଥିଲେ। ପରେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ହୋଇ ମାମଲା ପରିଚାଳନାରେ ସହଯୋଗ କରିନଥିଲେ। ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା କୋର୍ଟ ଜାରି କରିଥିଲେ। ହେଲେ ସେ ଏହି ନିର୍ଦ୍ଦେଶକୁ ଅବମାନନା କରି ଚାଲିଥିଲେ। ପରେ କୋର୍ଟ ଅଭିଯୁକ୍ତ ଶଙ୍କରଙ୍କୁ ପଳାତକ ଘୋଷଣା କରିଥିଲେ। ଏଥିରେ ମଧ୍ୟ ଶଙ୍କର କୋର୍ଟରେ ହାଜର ହୋଇନଥିଲେ। ଯାହାଫଳରେ ଗଞ୍ଜାମ ଜିଲା ଓ ଦୌରାଜଜ ତାଙ୍କ ବିରୋଧରେ ସେସନ୍ସ ଟ୍ରାଏଲ ନଂ.୨୧୬/୨୦୦୯ ଜାରି କରି ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ ବଳରେ ପୋଲିସ ଫୋର୍ସ ସହ ଶଙ୍କରଙ୍କ ଘରେ ପୂର୍ବାହ୍ନରେ ପହଞ୍ଚିଥିଲା। ଘରେ ଶଙ୍କର ନଥିଲେ। ଟାଉନ୍ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଗୋଷାଣୀନୂଆଗାଁ ଥାନାଧିକାରୀ ସ୍ମୃତିପ୍ରଭା ପ୍ରଧାନ, ଏକ ପ୍ଲାଟୁନ୍ ଫୋର୍ସ ସହ ନେହରୁ ନଗରରେ ପହଞ୍ଚି ପ୍ରଥମେ ଡେଙ୍ଗୁରା ବାଡ଼େଇଥିଲେ। ପରେ ଡାକବାଜି ଯନ୍ତ୍ର ସାହାଯ୍ୟରେ କୋର୍ଟଙ୍କ ନିର୍ଦ୍ଦେଶ ଲୋକଙ୍କୁ ଶୁଣାଇଥିଲେ। ଶଙ୍କରଙ୍କ ଘରେ ମହିଳା ପୋଲିସ ସହ ଥାନାଧିକାରୀ ପ୍ରବେଶ କରିଥିଲେ। ଜିନିଷପତ୍ର ଜବତ କରିବା ବେଳେ ଶଙ୍କରଙ୍କ ପରିବାର ସହ ପୋଲିସର ଧସ୍ତାଧସ୍ତି ହୋଇଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଅନିରୁଦ୍ଧ


@ ଦୁର୍ଯ୍ୟୋଧନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇଟିଆଇର ୨୦ ଛାତ୍ରୀଙ୍କ ଚେନ୍ନାଇ ଗସ୍ତ


ଚେନ୍ନାଇ ଗସ୍ତ କରିଥିବା ଆଇଟିଆଇ ଛାତ୍ରୀ।

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ଆଇଟିଆଇର ୨୦ଜଣ ଛାତ୍ରୀ ଚେନ୍ନାଇସ୍ଥିତ ଜନସନ ଲିମିଟେଡ କମ୍ପାନୀକୁ ଶୁକ୍ରବାର ଗସ୍ତ କରିଛନ୍ତି। ସେମାନେ ୨ସପ୍ତାହ ଧରି ଉକ୍ତ କମ୍ପାନୀରେ ନିଯୁକ୍ତି ସମ୍ବନ୍ଧୀୟ ପ୍ରଶିକ୍ଷଣ ଗ୍ରହଣ କରିବେ। ପୂର୍ବରୁ ଆଇଟିଆଇର ୧୨୦ଜଣ ଛାତ୍ର ପ୍ରଶିକ୍ଷଣ ନେଇ ଫେରିଛନ୍ତି। ଆଇଟିଆଇରେ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କମ୍ପାନୀରେ ନିଯୁକ୍ତି ସମୟରେ କିଭଳି ସହାୟକ ହେବ, ଛାତ୍ରୀଛାତ୍ରମାନେ ବିଭିନ୍ନ ଶିଳ୍ପରେ କିଭଳି ଅଧିକ ଦକ୍ଷତା ହୋଇପାରିବେ। ସେ ନେଇ ଏଭଳି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ଆଇଟିଆଇ ଅଧକ୍ଷ ଡ ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଇଲେକ୍ଟ୍ରୋନିକ୍ସ ସାଇନ୍ସ ବିଭାଗର ପିଜି ରିସର୍ଚ୍ଚ କନକ୍ଲେଭ

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବୈଦ୍ୟୁତିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସ୍ନାତକୋତ୍ତର ବିଭାଗ ପକ୍ଷରୁ ଗୁରୁବାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ବାର୍ଷିକ ପିଜି ରିସର୍ଚ୍ଚ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡ଼ ଧ୍ରୁବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ନିଷ୍ଟ କଲେଜର ପ୍ରଫେସର ପ୍ରଦ୍ୟୁମ୍ନ ପାତ୍ର ଏହାକୁ ପରିଚାଳନା କରିଥିଲେ। ବିଭାଗର ପ୍ରଫେସର ଡ଼ ନାରାୟଣ ସାହୁ, ଆସିଷ୍ଟାଣ୍ଟ ପ୍ରଫେସର ଡ଼ ରଶ୍ମିତା କୁମାରୀ ପାଣିଗ୍ରାହୀ, ପ୍ରଫେସର ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପାଠ୍ୟକ୍ରମ ଅନୁଯାୟୀ ପ୍ରଦାନ କରାଯାଇଥିବା ବିଭିନ୍ନ ସନ୍ଦର୍ଭ ଓ ପ୍ରକଳ୍ପକୁ ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରାଇବା ସୁଯୋଗ ମିଳିଥିଲା। ଛାତ୍ର ଏନ୍.ନୀଳମାଧବ ପାତ୍ର, ଉମାକାନ୍ତ ଚୌଧୁରୀ, ପ୍ରସନ୍ନ ସାମନ୍ତରାୟ, ସୁଜିତ୍ ମଣ୍ଡଳ, ବାଣୀଶ୍ରୀ ପଟ୍ଟନାୟକ, ଅଞ୍ଜଳ ପୃଷ୍ଟି, ଜୀବନ ଯାଦବ, ବିକ୍ରମ ରଥ, ଚିନ୍ମୟ ପ୍ରଧାନ, ଶୁଭମ୍ ପଟ୍ଟନାୟକ, ଶୁଭାଶିଷ ଚୌଧୁରୀ, ସୌଭାଗ୍ୟ ବେହେରା, ଆଶୁତୋଷ ସାହୁ, ଚିନ୍ମୟ ତ୍ରିପାଠୀ, ପ୍ରୀତି ପାଣିଗ୍ରାହୀ, ମହମ୍ମଦ ନୁରେନ୍ ମୁସ୍ତାକ, ସୁନିଲ ମନ୍ତ୍ରୀ, କାଜଲ ପଣ୍ଡା, ସୌମ୍ୟା ପାଣିଗ୍ରାହୀ, ସ୍ନେହା ପୁରୋହିତ, ସିମରନ ପାତ୍ର, ଦିବ୍ୟା ସାମଲ, ସୁରୁଚି ମହାରଣା, ଶାଶ୍ୱତୀ ମହାନ୍ତି, ମନସ୍ୱିନୀ ମହାନ୍ତି, କ୍ଷେତ୍ରବାସୀ ବିଷୋୟୀ ପ୍ରମୁଖ ନିଜର ଦୁଇ ବର୍ଷର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ଦ୍ୱାଦଶ ଦିନରେ ବିଶ୍ରାମ ନେଲେ ମା' ତାରା ଦେବୀ

ବ୍ରହ୍ମପୁର ଅଫିସ.୧୯।୫

## ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା


ପୂଜାମଣ୍ଡପରେ ମା' ତାରା ଦେବୀ।

ଲାଞ୍ଜିପଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ମା' ତାରାଦେବୀ ଠାକୁରାଣୀଙ୍କ ଯାତ୍ରା ଶୁକ୍ରବାର ଦ୍ୱାଦଶ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ସାବିତ୍ରୀ ଅମବାସ୍ୟା ପଡୁଥିବାରୁ ପୂଜା ମଣ୍ଡପରେ ମାଁଙ୍କ ସ୍ୱତନ୍ତ୍ର ନିତିକାନ୍ତି ପାଳିତ ହୋଇଥିଲା। ସକାଳୁ ଷୋଡ଼ଶ ଉପଚାରପରେ ମାଁଙ୍କ ବିଧି ପ୍ରକାରେ ଶୃଙ୍ଗାର କରାଯାଇଥିଲା। ସନ୍ଧ୍ୟାରେ ୧୦୮ ଆଳତୀ ଦର୍ଶନ ନିମନ୍ତେ ଲାଞ୍ଜିପଲ୍ଲୀ ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଭରିରହିଥିଲା। ସାବିତ୍ରୀ ଅମବାସ୍ୟା ପଡୁଥିବାରୁ ଘଟ ପରିକ୍ରମା ବନ୍ଦ ରହିଥିଲା। ଏଣୁ ମାଁ ତାରାଦେବୀ ପୂଜା ମଣ୍ଡପରେ ବିଶ୍ରାମ ନେଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ରାତ୍ରରେ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ୪ ପାଠ୍ୟକ୍ରମରେ ନାମଲେଖା ପାଇଁ ଭିତ୍ତିଭୂମି ଯାଞ୍ଚ

ବ୍ରହ୍ମପୁର ଅଫିସ,୧୯।୫

## କଲେଜ ଅଫ ନର୍ସିଂରେ ୨ ଜଣିଆ ଆଇଏନସି ପ୍ରତିନିଧି


ଆଇଏନସିର ଦୁଇ ଜଣିଆ ଟିମ ଭିତ୍ତିଭୂମି ଯାଞ୍ଚ କରୁଛନ୍ତି।

ଜାତୀୟ ନର୍ସିଂ କାଉନସିଲ (ଆଇଏନସି)ର ୨ ଜଣିଆ ଟିମ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଥିବା ନର୍ସିଂ କଲେଜରେ ଗତ ୧୭ ଓ ୧୮ ତାରିଖରେ ୨ ଦିନଧରି ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଏଠାରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପୋଷ୍ଟ ବେସିକ ଡିପ୍ଲୋମା ପାଇଁ ୪ଟି ବିଷୟରେ ଛାତ୍ରୀଛାତ୍ର ଅଧ୍ୟୟନ ସକାଶେ ନାମ ଲେଖାଇପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସେଗୁଡିକ ହେଲା ଡିଜାଷ୍ଟର ଆଣ୍ଡ ଏମର୍ଜେନ୍ସି ନର୍ସିଂ, ଅଙ୍କୋଲୋଜି ନର୍ସିଂ, ନିଓନାଟାଲ ନର୍ସିଂ, ଓଟି ନର୍ସିଂ। ଚଳିତବର୍ଷ ପାଇଁ ନିୟମ ଅନୁଯାୟୀ ଏହି ସମସ୍ତ ପାଠ୍ୟକ୍ରମ ପାଇଁ ଉପଯୁକ୍ତ ଭିତ୍ତିଭୂମି, ମାନବ ସମ୍ବଳ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ରହିଛି କି ନାହିଁ ଆଇଏନସି ପକ୍ଷରୁ ତାହାର ଯାଞ୍ଚ କରାଯାଇଛି। କ୍ଲାସରୁମ, ହଷ୍ଟେଲ, ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ, ଶିକ୍ଷା ପ୍ରଣାଳୀ ସମ୍ପର୍କିତ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଛି। ଭିତ୍ତିଭୂମି ଯାଞ୍ଚ ସମୟରେ ଉକ୍ତ ଟିମ ସହ ନର୍ସିଂ କଲେଜର ପ୍ରିନ୍ସିପାଲ ରାଜଲକ୍ଷ୍ମୀ ମିଶ୍ର ଉପସ୍ଥିତ ରହିଥିଲେ। ଏମକେସିଜିର ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁ ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗ ବୁଲି ବିଏସସି ଓ ଏମଏସସି ନର୍ସିଂ ଛାତ୍ରୀଛାତ୍ରଙ୍କ ପାଠପଢା ଓ ଅଭ୍ୟାସ କରିବାକୁ ରହିଥିବା ଭିତ୍ତିଭୂମି ବିଷୟରେ ଯାଞ୍ଚ କରିଥିଲେ ବୋଲି କଲେଜ ଅଫ ନର୍ସିଂର ଅଧକ୍ଷା ମିଶ୍ର ସୂଚନା ଦେଇଛନ୍ତି। ପ୍ରତ୍ୟେକ ବିଭାଗରେ ୧୦ ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ଟିମ ସମସ୍ତ ଭିତ୍ତିଭୂମି ଯାଞ୍ଚ ପରେ ସନ୍ତୋଷ ବ୍ୟକ୍ତ କରିଥିବା ଅଧକ୍ଷା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଏସସି ନର୍ସିଂ ପାଇଁ ୪୦ ସିଟ ରହିଥିବା ବେଳେ ଏବେ ତାହାକୁ ବର୍ଦ୍ଧିତ କରାଯାଇ ୧୫୦ ସିଟ କରାଯାଇଛି। ସେହିପରି ପୋଷ୍ଟ ବେସିକ ବିଏସସି ନର୍ସିଂ ପାଇଁ ୪୦ଗୋଟି ସିଟ ଥିବା ବେଳେ ତାହାକୁ ବୃଦ୍ଧି କରାଯାଇ ୬୦ ସିଟ କରାଯାଇଛି। ସେହିପରି ଏମଏସସି ନର୍ସିଂ ପାଇଁ ୧୭ ଗୋଟି ସିଟ ଥିବା ବେଳେ ତାହା ଏବେ ୫୦କୁ ବୃଦ୍ଧି କରାଯାଇଛି।

